ପାଠ - ୧୪

# ଓଜନ ଓ ପରିମାଣ ଜାଣିବା



ପୁରୁଣିଆଁ ଗାଁ' ଦାଣ୍ଡରେ ଢେଙ୍ଗୁରା ବାଜିଲା । ଢେଙ୍ଗୁରା-ବାଦକ କହୁଥିଲା, "ଶୁଣ-ଶୁଣ-ଶୁଣ, ଖାଉଟି ଦୋକାନରେ ଚିନି, ଚାଉଳ, ଗହମ ଓ କିରୋସିନ୍ ତେଲ ସୁଲଭ ଦାମ୍‌ରେ ମିଳୁଛି । ସନ୍ଧ୍ୟାବେଳେ ଦୋକାନ ଖୋଲା ରହିବ ।"

ବିବେକ ଏହା ଶୁଣି ଘରକୁ ଦୌଡ଼ି ଆସି ମା'ଙ୍କୁ କହିଲା, "ମା', ଢେଙ୍ଗୁରାବାଲା କହୁଥିଲା ଆଜି ଚିନି, ଗହମ, ଚାଉଳ ଓ କିରୋସିନ୍ ତେଲ ଖାଉଟି ଦୋକାନରେ ମିଳିବ ।"



ମା' - "ଆମକୁ ୪ କିଲୋ ୭୫୦ ଗ୍ରାମ ଚିନି, ୮ କିଲୋ ୫୦୦ ଗ୍ରାମ ଚାଉଳ ଓ ୨ ଲିଟର ୫୦୦ ମିଲିଲିଟର କିରୋସିନ୍ ମିଳିବ । ସନ୍ଧ୍ୟାବେଳେ ବିଦ୍ୟାଳୟରୁ ଆସି ତୁ ଯାଇ ସେ ଜିନିଷ ନେଇ ଆସିବୁ ।"


ବିବେକ ବଡ଼ ଅଡୁଆରେ ପଡ଼ିଲା । ସେ ତ ଏତେଗୁଡ଼ାଏ କଥା ଆଗରୁ ଶୁଣି ନ ଥିଲା କି ଜାଣି ନ ଥିଲା । ଏ ସବୁ ଜିନିଷ ସେ ଠିକ୍ କରି ଆଣିବ କିପରି ?

ବିବେକ ସ୍କୁଲକୁ ଗଲା । ଶିକ୍ଷକଙ୍କୁ ଏ ବିଷୟରେ ପଚାରିଲା । ଶିକ୍ଷକ ସବୁ ପିଲାଙ୍କୁ ନେଇ ଗୋଟିଏ ଦୋକାନକୁ ଗଲେ ।

● ପୂର୍ବ ଚିତ୍ର ଦେଖି କହ ।

କେଉଁଥିରେ ଦୋକାନରେ ବିଭିନ୍ନ ଜିନିଷ ଓଜନ କରାଯାଉଛି ?

ବିଭିନ୍ନ ପ୍ରକାର ବଟକରାଗୁଡ଼ିକୁ ଚିହ୍ନ ।




୨ କିଲୋଗ୍ରାମ୍ ୧ କିଲୋଗ୍ରାମ୍ ୫୦୦ଗ୍ରାମ୍ ୨୦୦ଗ୍ରାମ୍ ୧୦୦ଗ୍ରାମ୍ ୫୦ଗ୍ରାମ୍ ୨୦ଗ୍ରାମ୍ ୧୦ଗ୍ରାମ୍


● ଦୋକାନରେ ନିକିତି ଓ ବଟକରା ସାହାଯ୍ୟରେ କେଉଁ କେଉଁ ଜିନିଷ ଓଜନ କରାଯାଉଛି ତାହାର ତାଲିକା କର ।

________________________________________

________________________________________

________________________________________

● ତଳ ଚିତ୍ରରେ ଦେଖୁଥିବା ବଟକରାଗୁଡ଼ିକର ତୁଳନା ଦେଖ ଓ ବୁଝ ।




ଏଥିରୁ ଆମେ ଜାଣିଲେ -

୧ କିଲୋଗ୍ରାମ୍ = [ ] ଗ୍ରାମ୍ । ଅଧ କିଲୋଗ୍ରାମ୍= [ ] ଗ୍ରାମ୍ ।

କିଲୋଗ୍ରାମ୍‌କୁ ସଂକ୍ଷେପରେ କି.ଗ୍ରା. ଓ ଗ୍ରାମ୍‌କୁ ଗ୍ରା.ରେ ଲେଖାଯାଏ । ପିଲାମାନେ ଶିକ୍ଷକଙ୍କ ସହ ବିଦ୍ୟାଳୟକୁ ଫେରିଆସିଲେ ।

● ନିମ୍ନ ଲିଖିତ ଓଜନର ଜିନିଷ ଆଣିଲେ କେଉଁ କେଉଁ ବଟକରା ବ୍ୟବହାର କରିବାକୁ ପଡ଼ିବ ଚିତ୍ର କରି ଦେଖାଅ ।

| | |
|---|---|
| ୨୫୦ ଗ୍ରାମ୍ | |
| ୩୫୦ ଗ୍ରାମ୍ | |
| ୭୦୦ ଗ୍ରାମ୍ | |
| ୮୦୦ ଗ୍ରାମ୍ | |
| ୪୫୦ ଗ୍ରାମ୍ | |

● ତଳ ବଟକରାଗୁଡ଼ିକୁ ଦେଖ ଓ ମୋଟ କେତେ ଓଜନ ଅଛି କହ ।

| | |
|---|---|
|   | ୭୫୦ ଗ୍ରାମ୍ |
|   | ______ କି.ଗ୍ରା. ______ ଗ୍ରାମ୍ |
|   | ______ କି.ଗ୍ରା. ______ ଗ୍ରାମ୍ |
|   | ______ କି.ଗ୍ରା. ______ ଗ୍ରାମ୍ |
|   | ______ କି.ଗ୍ରା. ______ ଗ୍ରାମ୍ |

ସ୍କୁଲ ଛୁଟି ହେବା ପରେ ବିବେକ ଘରକୁ ଫେରିଲା । ସନ୍ଧ୍ୟାବେଳେ ଖାଉଟି ଦୋକାନକୁ ଗଲା । ବାଟରେ ତା' ସାଙ୍ଗ ଚିଣ୍ଟୁ ସହିତ ଦେଖାହେଲା । ଦୁହେଁ ଦୋକାନରେ ପହଞ୍ଚିଲେ । ଦୋକାନରେ କିରାସିନି ତେଲ ସରିଯାଇଥାଏ । ବିବେକ ୪ କି.ଗ୍ରା. ୭୫୦ ଗ୍ରାମ୍ ଚିନି, ୮ କି.ଗ୍ରା. ୫୦୦ ଗ୍ରାମ୍ ଚାଉଳ ଓ ଚିଣ୍ଟୁ ୨ କି.ଗ୍ରା. ୧୦୦ ଗ୍ରାମ୍ ଚିନି ଓ ୪ କି.ଗ୍ରା. ୨୦୦ ଗ୍ରା. ଓଜନର ଚାଉଳ କିଣିଲେ ।

- ଚିନ ଓ ଚାଉଳ କିଣିବା ପାଇଁ ବ୍ୟବହାର ହୋଇଥିବା ବଟକରାକୁ ଚିତ୍ରରେ ଦେଖାଅ ।

| | |
|---|---|
| ୪ କି.ଗ୍ରା. ୭୫୦ ଗ୍ରାମ୍ | |
| ୮ କି.ଗ୍ରା. ୫୦୦ ଗ୍ରାମ୍ | |
| ୨ କି.ଗ୍ରା. ୧୦୦ ଗ୍ରାମ୍ | |
| ୪ କି.ଗ୍ରା. ୨୦୦ ଗ୍ରାମ୍ | |




- ବିବେକ ଓ ଚିଣ୍ଟୁ ମିଶି କେତେ ଓଜନର ଚିନି କିଣିଲେ ?

ବିବେକ ଚିନି କିଣିଲା ୪ କି.ଗ୍ରା. ୭୫୦ ଗ୍ରାମ୍
ଚିଣ୍ଟୁ ଚିନି କିଣିଲା ୨ କି.ଗ୍ରା. ୧୦୦ ଗ୍ରାମ୍
ମୋଟ ଚିନି କିଣିଲେ ୬ କି.ଗ୍ରା. ୮୫୦ ଗ୍ରାମ୍

ଓଜନର ମିଶାଣ ବେଳେ କିଲୋଗ୍ରାମ୍‌କୁ କିଲୋଗ୍ରାମ୍ ସହିତ ଓ ଗ୍ରାମ୍‌କୁ ଗ୍ରାମ୍ ସହିତ ଯୋଗ କରିବାକୁ ପଡ଼େ ।

- ବିବେକ ଓ ଚିଣ୍ଟୁ ମିଶି କେତେ ଚାଉଳ କିଣିଲେ ?

ବିବେକ ଚାଉଳ କିଣିଲା ______ କି.ଗ୍ରା. ______ ଗ୍ରାମ୍
\+ ଚିଣ୍ଟୁ ଚାଉଳ କିଣିଲା (+) ______ କି.ଗ୍ରା. ______ ଗ୍ରାମ୍
ମୋଟ ଚାଉଳ କିଣିଲେ ______ କି.ଗ୍ରା. ______ ଗ୍ରାମ୍

- ବିବେକ ଚିଣ୍ଟୁଠାରୁ କେତେ ଅଧିକ ଚିନି କିଣିଲା ?

ବିବେକ ଚିନି କିଣିଲା କି.ଗ୍ରା. ______ ଗ୍ରାମ୍ ______
\- ଚିଣ୍ଟୁ ଚିନି କିଣିଲା (-) କି.ଗ୍ରା. ______ ଗ୍ରାମ୍ ______
ବିବେକ ଅଧିକ କିଣିଲା କି.ଗ୍ରା. ______ ଗ୍ରାମ୍ ______

- ବିବେକ ଚିଣ୍ଟୁଠାରୁ କେତେ ଅଧିକ ଚାଉଳ କିଣିଲା ?

ବିବେକ କିଣିଲା କି.ଗ୍ରା. ______ ଗ୍ରାମ୍ ______
\- ଚିଣ୍ଟୁ କିଣିଲା (-) କି.ଗ୍ରା. ______ ଗ୍ରାମ୍ ______
ବିବେକ ଚିଣ୍ଟୁଠାରୁ ଅଧିକ କିଣିଲା କି.ଗ୍ରା. ______ ଗ୍ରାମ୍ ______

ଫେଡ଼ାଣ କରିବା ବେଳେ କିଲୋଗ୍ରାମ୍‌ରୁ କିଲୋଗ୍ରାମ୍‌କୁ ଓ ଗ୍ରାମ୍‌ରୁ ଗ୍ରାମ୍‌କୁ ଫେଡ଼ାଣ କରାଯାଏ ।

# ଅଭ୍ୟାସ

୧. ଶୂନ୍ୟସ୍ଥାନ ପୂରଣ କର ।

| କି.ଗ୍ରା. | ଗ୍ରା. | କି.ଗ୍ରା. | ଗ୍ରା. | କି.ଗ୍ରା. | ଗ୍ରା. |
|---|---|---|---|---|---|
| ୧୫ | ୨୫୦ | ୯ | ୩୫୦ | ୨୩ | ୪୦୦ |
| +୮ | ୫୦୦ | +୭ | ୬୦୦ | +୭ | ୦୫୦ |
| | | | | +୦ | ୦୭୫ |
| | | | | | |

| କି.ଗ୍ରା. | ଗ୍ରା. | କି.ଗ୍ରା. | ଗ୍ରା. | କି.ଗ୍ରା. | ଗ୍ରା. |
|---|---|---|---|---|---|
| ୧୮ | ୭୫୦ | ୯୦ | ୭୦୦ | ୧୦ | ୦୫୦ |
| -୩ | ୩୨୫ | (-)୫୭ | ୨୨୫ | (-) ୩ | ୦୨୫ |
| | | | | | |

୨. ଡଙ୍ଗାରେ ନଈ ପାରି ହୋଇ ମେଳା ଦେଖିବା ପାଇଁ ବାଘ, ଭାଲୁ, ବିଲୁଆ ଓ ମାଙ୍କଡ଼ ବାହାରିଲେ। ବିଲେଇ ନାଉରିଆ ହୋଇ ଡଙ୍ଗା ଚଳାଉଥାଏ। ନଈରେ ଅଧିକ ପାଣି। ବିଲେଇ କହିଲା– ମୁଁ ଥରକରେ ଦୁଇ ଜଣରୁ ଅଧିକ ନେଇ ପାରିବି ନାହିଁ ଓ ମୋତେ ଛାଡ଼ି ୭୦ କି.ଗ୍ରା. ୭୫୦ ଗ୍ରାମରୁ ଅଧିକ ନେଇପାରିବି ନାହିଁ।

ଯେଉଁ ଯୋଡ଼ି ଗଲେ ଡଙ୍ଗା ବୁଡ଼ିଯିବ, ତା' ପାଖରେ 'X' ଚିହ୍ନ ଦିଅ ।

(କ) ବାଘ - ମାଙ୍କଡ଼

(ଖ) ଭାଲୁ - ମାଙ୍କଡ଼

(ଗ) ବାଘ - ବିଲୁଆ

(ଘ) ମାଙ୍କଡ଼ - ବିଲୁଆ

(ଙ) ବାଘ - ଭାଲୁ


(ଚ) ଭାଲୁ - ବିଲୁଆ



୩. ରାମବାବୁଙ୍କର ଜଣେ ବୋକା ଚାକର ପିଲା ଥିଲା । ସେ ତାକୁ ବାକ୍ସଟିକୁ ନେଇ ଷ୍ଟେସନ ଯିବାକୁ କହିଲେ । ବାକ୍ସର ଓଜନ ୯୬ କି.ଗ୍ରା. ୬୦୦ ଗ୍ରା. । ପିଲାଟିକୁ ବାକ୍ସଟି ଓଜନିଆ ଲାଗିବାରୁ ସେ ଭାବିଲା, ବାବୁ ତ ମୋତେ ବାକ୍ସ ନେବାକୁ କହିଛନ୍ତି । ଭିତରେ ଥିବା ଜିନିଷଗୁଡ଼ିକୁ ନ ନେଲେ ଚଳିବ । ଏହା ଭାବି ସେ ସେଗୁଡ଼ିକୁ ଫୋପାଡ଼ି ଦେଲା । ଷ୍ଟେସନରେ ଦେଖିବା ବେଳକୁ ବାକ୍ସ ଫାଙ୍କା । ଖାଲି ବାକ୍ସର ଓଜନ ଥିଲା ୩୫ କି.ଗ୍ରା. ୫୫୦ ଗ୍ରାମ । ଚାକର କେତେ ଓଜନର ଜିନିଷ ଫୋପାଡ଼ି ଥିଲା ?

**ଆସ ପରୀକ୍ଷା କରିବା-**

- ଗୋଟିଏ ନିକିତି ନିଅ । ତାର ବାମ ପଟ ପଲାରେ ୧ କିଲୋଗ୍ରାମ ଓଜନର ବଟକରା ପକାଅ । ସମାନ ଓଜନର ଇଟାଖଣ୍ଡେ ଡାହାଣପଟ ପଲାରେ ପକାଅ ।



- ଡାହାଣ ପଟ ପଲାରେ ପଡ଼ୁଥିବା ଇଟାଖଣ୍ଡର ଓଜନ କେତେ ?
- ଏବେ ଇଟାଖଣ୍ଡଟିକୁ ଭାଙ୍ଗି ଛୋଟ ଛୋଟ ତିନି ବା ଚାରି ଖଣ୍ଡ କରିଦିଅ ।
- ଛୋଟ ଛୋଟ ଇଟାଖଣ୍ଡମାନଙ୍କର ଓଜନର ସମଷ୍ଟି କେତେ ହେବ ?
- ନିକିତିର ବାମପଟ ପଲାରେ ୧ କିଲୋଗ୍ରାମ ବଟକରା ଥୋଇ ଡାହାଣପଟ ପଲାରେ ଛୋଟ ଛୋଟ ଇଟାଖଣ୍ଡଗୁଡ଼ିକୁ ରଖ ।

**ଗୋଟିଏ ନିର୍ଦ୍ଦିଷ୍ଟ ଓଜନର ବସ୍ତୁକୁ ଛୋଟ ଛୋଟ ଖଣ୍ଡ କରିଦେଲେ ବି ଛୋଟଖଣ୍ଡ ମାନଙ୍କର ଓଜନ ମୂଳ ବସ୍ତୁର ଓଜନ ସହ ସମାନ ହେବ ।**

**ଆସ ଆଉ ଗୋଟିଏ କାମ କରିବା -**

- କିଛି ଚକଟା ମାଟି ସଂଗ୍ରହ କର ।
- ତାକୁ ଦୁଇଟି ସମାନ ଓଜନର ମାଟିଗୁଳାରେ ପରିଣତ କର ।
- ମାଟିଗୁଳା ଦୁଇଟିକୁ ଅଲଗା ଅଲଗା କାଗଜ ଉପରେ ରଖ । କାଗଜଦୁଇଟି ଉପରେ 'କ' ଓ 'ଖ' ଲେଖିଦିଅ ।
- 'ଖ' ଲେଖାଥିବା କାଗଜ ଉପରେ ଥିବା ମାଟିଗୁଳାକୁ ଛୋଟ ଛୋଟ ୪ ବା ୫ ଖଣ୍ଡ କରିଦିଅ ଓ ଗୋଟିଏ ଖଣ୍ଡକୁ ଫୋପାଡ଼ି ଦିଅ ।
- ଏଣୁ 'କ' ଲେଖାଥିବା କାଗଜ ଉପରେ ଥିବା ମାଟିଗୁଳାର ଓଜନ 'ଖ' ଲେଖାଥିବା କାଗଜ ଉପରେ ଥିବା ମାଟିଗୁଳା ମାନଙ୍କର ଓଜନ ସମାନ ହେବ କି ?
- ଏପରି କାହିଁକି ହେବ ଲେଖ ।

କଖାରୁ ଓ ଲାଉ ମଧ୍ୟରେ ଝଗଡ଼ା ହେଲା । କାହାର ଓଜନ ଅଧିକ ? ଦୁହେଁ ଗଲେ ଚାଷୀ ପାଖକୁ । ନିକିତିର ଦୁଇଟି ପଲାରେ ଦୁହେଁ ବସିଲେ। କାହାର ଓଜନ ଅଧିକ ? ଋଷୀ ଗୋଟିଏ ୨ କି.ଗ୍ରା. ଓଜନର ବଟକରାକୁ ଲାଉ ପାଖରେ ଥୋଇଦେଲା। ଏବେ ଦୁଇଟି ଯାକ ପଲାରେ ଥିବା ଓଜନ ସମାନ ହୋଇଗଲା ?




- କଖାରୁର ଓଜନ ଲାଉର ଓଜନଠାରୁ କେତେ ଅଧିକ ?
- ଲାଉର ଓଜନ କଖାରୁର ଓଜନଠାରୁ କେତେ କମ୍ ?

ପରିବା କିଣିବା ସମୟରେ ଦୋକାନୀ ଏହିଭଳି ଓଜନ କରିଥିବାର ଦେଖିଥିବ। ନିକିତିର କେଉଁ ପଟେ କ'ଣ କ'ଣ ପଡ଼ିଥିଲା ଓ କେତେ ଓଜନର ଜିନିଷ ବିକିଥିଲା ତୁମ ସାଙ୍ଗକୁ କହ।

## ତରଳ ପଦାର୍ଥର ମାପ

ତଳେ ଦିଆଯାଇଥିବା ବିଭିନ୍ନ ମାପର ପଳାମାନଙ୍କୁ ଲକ୍ଷ୍ୟ କର -




୫୦ ମିଲିଲିଟର   ୧୦୦ ମିଲିଲିଟର   ୨୦୦ ମିଲିଲିଟର   ୫୦୦ ମିଲିଲିଟର   ୧ ଲିଟର

ଏହି ପଳାଗୁଡ଼ିକ ସାହାଯ୍ୟରେ ଦୋକାନରେ କ'ଣ କ'ଣ ମପାଯାଏ ତାର ତାଲିକା କର । ଅଧିକ ପରିମାଣର ତରଳ ପଦାର୍ଥ ମାପିବା ପାଇଁ ବଡ଼ ବଡ଼ ମାପ ପାତ୍ର ମଧ୍ୟ ବ୍ୟବହାର କରାଯାଏ ।




ଏକ ଲିଟର ପାତ୍ର   ୨ ଲିଟର ପାତ୍ର   ୫ ଲିଟର ପାତ୍ର   ୧୦ ଲିଟର ପାତ୍ର

ମିଲିଲିଟରକୁ ସଂକ୍ଷେପରେ ମି.ଲି. ଓ ଲିଟରକୁ ସଂକ୍ଷେପରେ ଲି. ଲେଖାଯାଏ ।

ଏଗୁଡ଼ିକୁ ସଂକ୍ଷେପରେ ଲେଖ ।

୫ ଲିଟର ୨୫୦ ମିଲି ଲିଟର = ୫ଲି. ୨୫୦ ମି.ଲି.

୬ ଲିଟର ୭୫୦ ମିଲି ଲିଟର = ______

୭ ଲିଟର ୬୫୦ ମିଲି ଲିଟର = ______

୩ ଲିଟର ୨୦୦ ମିଲି ଲିଟର = ______

୫୦୦ ମି.ଲି. ପଳାଟିଏ ନିଅ । ସେଥିରେ ପୂରା ପାଣି ନେଇ ୧ ଲିଟର ପଳାରେ ଢାଳ । ୫୦୦ ମିଲି ଲିଟର ପଳାରେ କେତେଥର ପୂରା ପାଣି ନେଲେ ୧ ଲିଟର ପାଣିହେବ ?

୧ ଲିଟର = ୧୦୦୦ ମିଲି ଲିଟର

- କେଉଁ କେଉଁ ପଳା ବା ପାତ୍ର ଦରକାର ହେବ ଲେଖ ।

| | |
|---|---|
| ୫୫୦ ମି.ଲି. | |
| ୩୫୦ ମି.ଲି. | |
| ୧ଲି. ୭୫୦ ମି.ଲି. | |
| ୩ଲି. ୩୦୦ ମି.ଲି. | |
| ୫ଲି. | |
| ୨ଲି. ୫୦୦ମି.ଲି. | |

- ପ୍ରତ୍ୟେକ ଧାଡ଼ିରେ ଥିବା ପଳାଗୁଡ଼ିକରେ ଥରେ ଥରେ ପୂରା କ୍ଷୀର ଦିଆଗଲେ କେତେ ପରିମାଣରେ କ୍ଷୀର ଦିଆଯିବ ଲେଖ ।

| | |
|---|---|
|   | |
|   | |
|   | |
|   | |
|   | |
|   | |

- ବିବେକ କ୍ଷୀରବାଲା ପାଖରୁ ୨ଲି. ୫୦୦ ମି.ଲି. ଓ ରାନୁ ୩ଲି. ୨୫୦ ମି.ଲି. କ୍ଷୀର ଆଣିଲେ। ଦୁହେଁ ମିଶି କେତେ ପରିମାଣର କ୍ଷୀର ଆଣିଲେ ?



| | |
|---|---|
| ବିବେକ କ୍ଷୀର ଆଣିଲା | ୨ ଲିଟର ୫୦୦ ମିଲିଲିଟର |
| ରାନୁ କ୍ଷୀର ଆଣିଲା | ୩ ଲିଟର ୨୫୦ ମିଲିଲିଟର |
| ମୋଟ କ୍ଷୀର | ୫ ଲିଟର ୭୫୦ ମିଲିଲିଟର |

> ତରଳ ପରିମାଣର ମାପର ମିଶାଣ ବେଳେ ଲିଟରକୁ ଲିଟର ଓ ମିଲିଲିଟରକୁ ମିଲିଲିଟର ସହ ଯୋଗ କରାଯାଏ ।


- ସୋନୁ ଓ ସଲମା ସୋରିଷ ତେଲ କିଣିବା ପାଇଁ ଦୋକାନକୁ ଗଲେ । ସୋନୁ ୩ ଲି. ୨୦୦ ମି.ଲି. ଓ ସଲମା ୪ଲି. ୩୦୦ ମି.ଲି. ତେଲ କିଣିଲେ। ଦୁଇଜଣ ଯାକ କେତେ ପରିମାଣରେ ତେଲ କିଣିଲେ ?

| | | |
|---|---|---|
| ସୋନୁ କିଣିଲା | ______ ଲି. | ______ ମି.ଲି. |
| ସଲମା କିଣିଲା | ______ ଲି. | ______ ମି.ଲି. |
| ମୋଟ ତେଲ କିଣିଲେ | ______ ଲି. | ______ ମି.ଲି. |

- ସୋନୁ ଅପେକ୍ଷା ସଲମା କେତେ ପରିମାଣର ଅଧିକ ତେଲ କିଣିଲା ?

| | | |
|---|---|---|
| ସଲମା କିଣିଲା | ______ ଲି. | ______ ମି.ଲି. |
| ସୋନୁ କିଣିଲା | ______ ଲି. | ______ ମି.ଲି. |
| ସଲମା ଅଧିକା କିଣିଲା | ______ ଲି. | ______ ମି.ଲି. |

- ତଳେ ଦିଆଯାଇଥିବା ଚିତ୍ର ଦୁଇଟିକୁ ଦେଖ ।



କେଉଁ ପାତ୍ରରେ ଅଧିକ ପାଣି ଥିବାର ତୁମେ ଭାବୁଛ ?

- ଏବେ ତୁମେ ଦୁଇଟି ଅଲଗା ଅଲଗା ପାତ୍ର ନିଅ ।
- ଉଭୟ ପାତ୍ରରେ ସମାନ ପରିମାଣର ପାଣି ଢାଳ।
- କେଉଁ ପାତ୍ରରେ ଅଧିକ ପରିମାଣର ପାଣି ଥିଲା ଭଳି ଜଣାପଡୁଛି ?
- ତୁମ ସାଙ୍ଗକୁ ପଚାର କେଉଁ ପାତ୍ରରେ ଅଧିକ ପାଣି ଅଛି ।
- ପ୍ରକୃତରେ, ଦୁଇଟିଯାକ ପାତ୍ରରେ ଭିନ୍ନ ଭିନ୍ନ ପରିମାଣର ପାଣି ଅଛି କି ?

ନିର୍ଦ୍ଦିଷ୍ଟ ପରିମାଣର ତରଳ ପଦାର୍ଥକୁ ଭିନ୍ନ ଭିନ୍ନ ଆକାରର ପାତ୍ରରେ ରଖାଗଲେ ତାର ପରିମାଣ କମେ ନାହିଁ କି ବଢ଼େ ନାହିଁ ।

ଏବେ କହ :-

ଗୋଟିଏ ବଡ଼ ପାତ୍ରରେ କିଛି ପାଣି ନିଆଗଲା । ସେହି ପାଣିରୁ କିଛି ପାଣିକୁ ଗୋଟିଏ ପାତ୍ରରେ ରଖାଗଲା । ବଳକା ପାଣିକୁ ଅନ୍ୟ ଏକ ପାତ୍ରରେ ରଖାଗଲା । ବଡ଼ ପାତ୍ରରେ ନିଆଯାଇଥିବା ପାଣିର ପରିମାଣ ପ୍ରତ୍ୟେକ ଛୋଟ ପାତ୍ରରେ ଥିବା ପାଣି ପରିମାଣଠାରୁ ଅଧିକ ନା କମ୍ ? ଛୋଟ ପାତ୍ରରେ ଥିବା ପାଣିର ପରିମାଣ ବଡ଼ ପାତ୍ରର ପାଣିର ପରିମାଣଠାରୁ ଅଧିକ କି ?

## ଅଭ୍ୟାସ

୧. ତୁମ ଘରେ ତେଲ, ପାଣି, କ୍ଷୀର ପ୍ରଭୃତି ତରଳ ପଦାର୍ଥ ରଖିବା ପାଇଁ ଯେଉଁ ଯେଉଁ ପାତ୍ର ବ୍ୟବହାର କରାଯାଏ ତାଲିକା କର ।

କମ୍ ରୁ ଅଧିକ ପାଣି ରହୁଥିବା ପାତ୍ରଗୁଡ଼ିକର ନାମ କ୍ରମାନୁଯାୟୀ ସଜେଇ ଲେଖ ।

୨. ଗୋଟିଏ ବୋତଲ ସଂଗ୍ରହ କର ଯେଉଁଥିରେ ୧ ଲିଟର ପାଣି ରହିବ । ଖଣ୍ଡିଏ କାଗଜରେ ୧ ଲିଟର ଲେଖି ସେହି ବୋତଲ ଉପରେ ଅଠାରେ ଲଗାଇଦିଅ ।

- ବିଦ୍ୟାଳୟ ଓ ଘରେ ଥିବା ବିଭିନ୍ନ ପ୍ରକାର ପାତ୍ର (ବୋତଲ, କପ୍, ମଗ, ବାଲଟି, ଗ୍ଲାସ ଇତ୍ୟାଦି) ଯୋଗାଡ଼ କର ।
- ଏକ ଲିଟିରିଆ ବୋତଲରେ ପୂରା ପାଣି ନେଇ ପ୍ରତ୍ୟେକ ପାତ୍ରରେ ଢାଳ ।
- କେଉଁ କେଉଁ ପାତ୍ରରେ ୧ ଲିଟରରୁ ଅଧିକ ଓ କେଉଁ କେଉଁ ପାତ୍ରରେ ୧ ଲିଟରରୁ କମ୍ ପାଣି ଧରୁଛି ଲେଖ ଓ ପାତ୍ରଗୁଡ଼ିକର ଚିତ୍ର ଅଙ୍କନ କର ।

୩. ଚିତ୍ରରେ ଦିଆଯାଇଥିବା ପଳାରେ ହଜି ଯାଇଥିବା ସଂଖ୍ୟାଟିକୁ ଲେଖ ।

(କ) 


(ଖ) 


(ଗ) 


୪. କଳସୀରେ ୨ ଲିଟର, ଗ୍ଲାସରେ ୨୦୦ ମି.ଲି. ଓ ଗିନାରେ ୧୦୦ମି.ଲି. ପାଣି ଧରେ ।






୨୦୦ ମି.ଲି.



୧୦୦ ମି.ଲି.

(କ) କେତେ ଗିନା ପାଣି ହେଲେ କଳସୀ ପୂରିବ ?

(ଖ) କେତେ ଗିନା ପାଣି ହେଲେ ଗ୍ଲାସ ପୂରିଯିବ ?

(ଗ) ଗୋଟିଏ ପୂରା କଳସୀ ପାଣିରୁ କେତେ ଗ୍ଲାସ ପାଣି ମିଳିବ ?

(ଘ) ଗୋଟିଏ କଳସୀ ପାଣିରୁ କେତେ ଗିନା ପାଣି ମିଳି ପାରିବ ?

୫. ଖାଲି ସ୍ଥାନରେ ଉତ୍ତର ଲେଖ ।

| | | | |
|---|---|---|---|
| ୧୫ ଲି. | ୬୪ ଲି. | ୮୯ ଲି. | ୨୫୦ ମି.ଲି. |
| + ୧୨ ଲି. | + ୧୫ ଲି. | + ୧୬ ଲି. | + ୫୦୦ ମି.ଲି. |
| ________ | ________ | ________ | ________ |

| | | |
|---|---|---|
| ୩୨ ଲି. ୪୫୦ ମି.ଲି. | ୧୦ ଲି. ୧୦୦ ମି.ଲି. | ୨ ଲି. ୨୫୦ ମି.ଲି. |
| + ୨୮ ଲି. ୨୦୦ ମି.ଲି. | + ୬୯ ଲି. ୧୫୦ ମି.ଲି. | + ୩ ଲି. ୫୦ ମି.ଲି. |
| + ୧୨ ଲି. ୧୫୦ ମି.ଲି. | + ୨୮ ଲି. ୨୫୦ ମି.ଲି. | + ୧୬ ଲି. ୬୦୦ ମି.ଲି. |
| ________ | ________ | ________ |

| | | |
|---|---|---|
| ୭୬ ଲି. ୬୪୦ ମି.ଲି. | ୬୮ ଲି. ୨୫୦ ମି.ଲି. | ୬ ଲି. ୪୫୦ ମି.ଲି. |
| − ୫୪ ଲି. ୩୨୫ ମି.ଲି. | − ୨୯ ଲି. ୧୦୦ ମି.ଲି. | − ୪ ଲି. ୩୭୫ ମି.ଲି. |
| ________ | ________ | ________ |

୬. ସମାଧାନ କର ।

(କ) ଗୋଟିଏ ଟିଣରେ ୨୫୦ଲି. କିରୋସିନ ଧରେ । ଅନ୍ୟ ଗୋଟିଏ ଟିଣରେ ୧୭୫ଲି. କିରୋସିନ ତେଲ ଧରେ । ଦୁଇଟି ଟିଣରେ ମୋଟ କେତେ କିରୋସିନ ତେଲ ରହିବ ?

ପ୍ରଥମ ଟିଣରେ କିରୋସିନ ଧରେ ୨୫୦ ଲି.
ଦ୍ୱିତୀୟ ଟିଣରେ କିରୋସିନ ଧରେ ୧୭୫ ଲି.
ମୋଟରେ କିରାସିନ ଧରେ ....... ଲି.

(ଖ) ସୀତା ୧ଲି. ୨୫୦ ମି.ଲି. କ୍ଷୀର ପିଇଲା । ଗୀତା ୬୫୦ ମି.ଲି. କ୍ଷୀର ପିଇଲା । ଦୁଇ ଜଣ ମିଶି କେତେ ପରିମାଣର କ୍ଷୀର ପିଇଲେ ?

(ଗ) ଜଣେ ଚା' ଦୋକାନୀ ସକାଳେ ୧୫ଲି. ୫୦୦ ମି.ଲି. କ୍ଷୀର କିଣିଲା । ସନ୍ଧ୍ୟାବେଳକୁ ତା' ପାଖରେ ୮ଲି. ୨୦୦ମି.ଲି. କ୍ଷୀର ବଳିଛି । ସେ କେତେ କ୍ଷୀରରେ ଚା' କରିଛି ?

(ଘ) ଉମେଶ ଭୁବନେଶ୍ୱରରୁ କାର୍‌ରେ ବାହାରି ଆନନ୍ଦପୁର ଗଲେ । ଭୁବନେଶ୍ୱରରେ ୧୫ଲି. ୫୦୦ମି.ଲି. ତେଲ କିଣିଲେ । ଆନନ୍ଦପୁରରେ ପହଞ୍ଚିବା ବେଳକୁ ଗାଡ଼ିରେ ୪ଲି. ୩୦୦ମି.ଲି. ତେଲ ଥାଏ । କେତେ ତେଲ ଖର୍ଚ୍ଚ ହେଲା ?

(ଙ) କ୍ଷୀରବାଲା ପ୍ରତି ଦିନ ଗୋବିନ୍ଦ ବାବୁଙ୍କ ଘରେ ୨ଲି. ୨୦୦ ମି.ଲି. କ୍ଷୀର ଦିଏ। ଦିନେ ସେ ୧୫୦ ମି.ଲି. କମ୍ କ୍ଷୀର ଦେଲା। ତା'ହେଲେ ସେଦିନ ସେ କେତେ ପରିମାଣର କ୍ଷୀର ଦେଲା ?

(ଚ) ରାମ ଦୋକାନରୁ ୧ଲି. ୧୦୦ ମି.ଲି. ସୋରିଷ ତେଲ ଆଣିଲା। ମାଳତୀ ତା ଠାରୁ ୬୦୦ ମି.ଲି. ଅଧିକ ତେଲ ଆଣିଲା। ଦୁହେଁ ମିଶି କେତେ ତେଲ ଆଣିଲେ ?

୭.





ପ୍ରତ୍ୟେକ ମାଠିଆରେ ୧୬ ଲି. ୮୫୦ ମି.ଲି. ପାଣି ଥିଲା। କିଏ କେତେ ପାଣି ପିଇଲା ?

| | ମାଙ୍କଡ଼ | ଠେକୁଆ | ବିଲେଇ | ମୂଷା |
|---|---|---|---|---|
| କିଏ କେତେ ପାଣି ପିଇଲା | | | | |
| ପାଣି ବଳିଲା | ୧୨ ଲି. ୩୦୦ ମି.ଲି. | ୧୩ ଲି. ୮୦୦ ମି.ଲି. | ୧୪ ଲି. ୧୫୦ ମି.ଲି. | ୧୬ ଲି. ୭୫୦ ମି.ଲି. |

୮. ଗୋଟିଏ କୁଣ୍ଡରେ ୫ ଲି. ପାଣି ଧରେ। ପ୍ରତି ଘଣ୍ଟାରେ ୩ ଲିଟର ପାଣି କୁଣ୍ଡରେ ପଶେ ଓ ୨ ଲିଟର ପାଣି କୁଣ୍ଡରୁ ବାହାରିଯାଏ। କେତେ ସମୟରେ କୁଣ୍ଡଟି ପୂରା ହେବ ?

୯. ପ୍ରତି ଯୋଡ଼ା ପାତ୍ର ମଧ୍ୟରୁ ଛୋଟ ପାତ୍ରରେ ପୂରା ପାଣି ନେଇ ବଡ଼ ପାତ୍ରରେ ଢାଳ । ଛୋଟ ପାତ୍ରରେ କେତେ ଥର ପାଣିନେଇ ବଡ଼ ପାତ୍ରରେ ଢାଳିଲେ ବଡ଼ ପାତ୍ରଟି ପୂର୍ଣ୍ଣ ହେବ ଅନୁମାନ କରି କହ ଓ ଲେଖ ।







